# Akashvani, Sambalpur

## SAMBALPURI NEWS BULLETIN

### 29 October 2024- 6.47- 6.52 am.

**********************************************

ଆୟୁଷ୍ମାନ୍ ଭାରତ୍ ଯୋଜ୍ନା       ଆର୍ଏନ୍ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ ୭୦ ବରସ୍‌ନୁ ଅଏତ୍‌କା ବୟସର୍ ନାଗରିକ୍ ମାନ୍‌କର୍ ଲାଗି ଆୟୁଷ୍ମାନ୍ ଭାରତ୍ ଜନଆରୋଗ୍ୟ  ଯୋଜ୍‌ନାର୍ ଶୁଭାରମ୍ଭ କର୍‌ବେ । ଇତାର୍ ସହେତେ ରାଏଜେ ଆୟୁଷ୍ମାନ୍ ଯୋଜ୍‌ନାର୍ ଭିଲ୍ ମୁଲ୍ ହେବା । ଆଭାସୀ ଜରିଏ ପ୍ରଧାନ୍‌ମନ୍ତ୍ରୀ ଇତାର୍ ଶୁଭାରମ୍ଭ କରୁଥିବାର୍ ବେଲେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ୍‌ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଉପସ୍ଥିତ୍ ରହେବେ । ସେନ୍ତା ପ୍ରଧାନ୍‌ମନ୍ତ୍ରୀ ଭୁବ୍‌ନେଶ୍ୱର୍ ପାଖର୍ ଜଟଣୀ ନ କେନ୍ଦ୍ରୀୟ ଯୋଗ ଆର୍ ପ୍ରାକୃତିକ ଚିକିତ୍ସା ଗବେଷଣା କେନ୍ଦ୍ରର ଶିଳାନ୍ୟାସ୍ କର୍‌ବେ । ଇତାର୍‌ସହେତେ ବର୍‌ଗଡ୍ ନ କ୍ରିଟିକାଲ୍ ହେଲ୍‌ଥ୍ କେୟାର୍ ୟୁନିଟ୍ ଆର୍ ଭୁବ୍‌ନେଶ୍ୱର୍ ଗୋଠପାଟଣା ନ ଗୁଟେ ସେଂଟ୍ରାଲ୍ ଡ୍ରଗ୍ ଟେଷ୍ଟିଂ ଲେବୋରେଟୋରୀର ଉଦ୍‌ଘାଟନ୍ କର୍‌ବାର୍ କାର୍ଯ୍ୟକ୍ରମ୍ ରହିଛେ  ।

ରୋଜ୍‌ଗାର୍ ମେଳା- ପ୍ରଧାନ୍‌ମନ୍ତ୍ରୀ        ପି.ଆଇ.ବି.

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ ଦିନର୍ ସାଢ଼େ ୧୦ ବଜେ ଆଭାସୀ ଜରିଏ ୫୧ ହଜାର୍‌ନୁ ଅଏତ୍‌କା ନୂଆଁକରି ନିଯୁକ୍ତି ପାଇଥିବା ପିଲା ଟୁକେଲ୍ ମାନ୍‌କୁ ନିଯୁକ୍ତି ପତ୍ର ଦେବେ । ଇତାର୍‌ସହେତେ ପ୍ରଧାନ୍‌ମନ୍ତ୍ରୀ ରୋଜ୍‌ଗାର୍ ମେଳାକେ ସମ୍ବୋଧନ୍ କର୍‌ବେ । ଇ ଅବ୍‌ସରେ ସାରାଦେଶର୍ ୪୦ ଟା ଭିନ୍ ଭିନ୍ ଜାଗା ନ ରୋଜ୍‌ଗାର୍ ମେଳା ଆୟୋଜନ୍ କରାଯିବା । ଯେନ୍‌ଥି ନୂଆଁ କର୍ମଚାରୀ -କେନ୍ଦ୍ର ସର୍‌କାର୍‌ଙ୍କର୍ ଭିନ୍ ଭନ୍ ମନ୍ତ୍ରଣାଲୟ ଆର୍ ବିଭାଗ୍‌ଥି ସାମିଲ୍ ହେବେ । ଇ ଅବ୍‌ସରେ ଭୁବ୍‌ନେଶ୍ୱର୍ ଆଚାର୍ଯ୍ୟ ବିହାର୍ ନ ଥିବା ସିଏସ୍‌ଆଇଆର୍ ଆଇଏମ୍‌ଏମ୍‌ଟି ନ ରୋଜ୍‌ଗାର୍ ମେଳା ଆୟୋଜନ୍ କରାଯିବା । ଇଥି କେନ୍ଦ୍ର ଆଦିବାସୀ ବ୍ୟାପାର୍ ମନ୍ତ୍ରୀ ଜୁଏଲ୍ ଓରାମ୍ ଯୋଗ୍ ଦେଇକରି ନିଯୁକ୍ତି ପତ୍ର ବାଂଟ୍‌ବେ ।

ରାଜ୍ୟସ୍ତରୀୟ ଏକତା ଦୌଡ଼        ଆର୍‌ଏନ୍‌ୟୁ / ସମ୍ବଲପୁର

ସର୍ଦ୍ଦାର୍ ବଲ୍ଲଭ୍ ଭାଇ ପଟେଲ୍‌ଙ୍କର୍ ଜୟନ୍ତୀ ଆଉ ରାଷ୍ଟ୍ରୀୟ ଏକତା ଦିବସ୍ ଅବ୍‌ସରେ ରାଜ୍ୟସ୍ତରୀୟ ଏକତା ଦୌଡ଼ ଆୟୋଜନ୍ କରାଯାଇଛେ । ଭୁବ୍‌ନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ନ ଆଏଜ୍

ସଖାଲର୍ ସାଢ଼େ ୭ ବଜେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ପତାକା ଦେଖେଇକରି ଇ ଦୌଡ଼ର ଶୁଭାରମ୍ଭ କର୍‌ବେ । ରାଜ୍ୟ ସର୍‌କାର୍‌ଙ୍କର୍ କ୍ରୀଡ଼ା ଆଉ ଯୁବସେବା ବିଭାଗ୍ ତର୍‌ଫୁ ହେଉଥିବା ଇ କାର୍ଯ୍ୟକ୍ରମ୍‌ଥି ଭିନ୍ ଭିନ୍ ବ୍ୟକ୍ତିବିଶେଷ ଆର୍ ଛାତ୍ରଛାତ୍ରୀମାନେ ଯୋଗ୍ ଦେଉଛନ୍ ।

ଦାଦନ୍ ବିସ୍ଥାପନ-ଟାସ୍କଫୋର୍ସ ଆର୍‌ଏନ୍‌ୟୁ /ସମ୍ବଲପୁର

ଭୁବ୍‌ନେଶ୍ୱର୍ ନ ଗଲାକାଏଲ୍ ଦାଦନ୍ ଜନିତ ବିସ୍ଥାପନ୍ ସମସ୍ୟାର୍ ନିରାକରଣ୍ ଲାଗି ଗଠନ୍ କରାଯାଇଥିବା ଟାସ୍କଫୋର୍ସର ପହେଲା ବୈଠକ୍ ହେଇଯାଇଛେ । ଉପ ମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଇ ବୈଠକ୍‌ଥି ଦାଦନ୍ ସମସ୍ୟାର୍ ସମାଧାନ୍ ଲାଗି ବିଚାର୍ ବିମର୍ଷ କରାଯାଇଥିଲା । ଲୁକ୍‌କୁ ଥାୟୀ ଜୀବିକା କି ରୋଜ୍‌ଗାର୍ ଦେଇକରି ଦଲାଲ୍ ମାନ୍‌କୁ ହଟେଇ ପାର୍‌ଲେ ଦାଦନ୍ ବିସ୍ଥାପନ୍ ସମସ୍ୟା କିଛି ମାତ୍ରାଥି କମିଯିବା ବଲି ଶ୍ରୀ ସିଂହଦେଓ କହିଛନ୍ । ସେ କହିଛନ୍ ଯେ, ସର୍‌କାର୍ ବିସ୍ଥାପିତ ମାନ୍‌କର୍ ତଥ୍ୟ ରଖିବାର୍ ଲାଗି ଗୁଟେ ମୋବାଇଲ୍ ଆପ୍‌ର ବିକାଶ୍ ଆଉ ଦାଦନ୍ ଶ୍ରମିକଙ୍କର୍ ଲାଗି ସ୍ୱତନ୍ତ୍ର ସ୍ୱାସ୍ଥ୍ୟ କାର୍ଡ଼ କରାଯିବାର୍ ଯୋଜ୍‌ନା କରୁଛନ୍ ।

ସୁଭଦ୍ରା ଯୋଜ୍ନା          ଆର୍ଏନ୍ୟୁ /ସମ୍ବଲପୁର

ସୁଭଦ୍ରା ଯୋଜ୍ନା ପହେଲା କିସ୍ତିର୍ ୩ ନମ୍ବର୍ ଖେପ୍ ଟଙ୍କା ଖୋବ୍ ଜଲ୍ଦି ମିଲ୍ବା ବଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ । ଇଥି ବାକିଥିବା ଯୋଗ୍ୟ ହିତାଧିକାରୀମାନ୍କୁ ସୁଭଦ୍ରା ଟଙ୍କା ମିଲ୍ବା । ବଛର୍କ ୨ ଟା କିସ୍ତିଥି ୧୦ ହଜାର୍ ଟଙ୍କା ଲେଖା ମିଲ୍ବା । ଇଥିର୍ଲାଗି ୧ କୋଟିନୁ ଅଏତ୍କା ମହିଲା ନାଁ ପଞ୍ଜିକରଣ୍ କରିଥିଲେ ।

ବିଶ୍ୱ ଷ୍ଟ୍ରୋକ୍ ଦିବସ୍          ଆର୍ଏନ୍ୟୁ /ସମ୍ବଲପୁର

ଠିକ୍ ସମିଆଥି ଚିକିତ୍ସା ଆଉ ଲୁକ୍କୁ ସଚେତନ୍ କର୍ବାର୍ ଲାଗି ଆଏଜ୍ ବିଶ୍ୱ ଷ୍ଟ୍ରୋକ୍ ଦିବସ୍ ପାଲନ୍ କରାଯାଉଛେ । ହଠାତ୍ ଅଚେତ ହେଇଯିବା, ବାତ ମାର୍ବାର୍, ମୁହଁର୍ କେନ୍ସି ଗୁଟେ ଫାଲ୍ ଟେଢ଼ା ହେଇଯିବା, ଇ ସବୁ ଷ୍ଟ୍ରୋକ୍ର ଲକ୍ଷଣ୍ ଆଏ । ଏନ୍ତା ହେଲେ ସାଙ୍ଗେସାଙ୍ଗ୍ ଡାକ୍ତର୍ଙ୍କର୍ ପରାମର୍ଶ ନେବାର୍ ଜରୁରୀ ବଲି ବିଶେଷଜ୍ଞମାନେ ମତ ଦେଇଛନ୍ । ଇ ଅବ୍ସରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ତାଙ୍କର୍ ବାର୍ତାଥି କହିଛନ୍ ଯେ, ପରିବର୍ତିତ ଆଉ ନିୟନ୍ତ୍ରିତ

ଜୀବନ୍‌ଶୈଲୀ ଅପ୍‌ନାଲେ ଷ୍ଟ୍ରୋକ୍‌ନୁ ବଁଚ୍‌ବାର୍ ସମ୍ଭବ୍ ହେବା ।

ଧନ୍‌ତେରସ୍ ପରବ ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏଜ୍ ଧନ୍‌ତେରସ୍ ଆଏ । ଦେବ ଚିକିତ୍ସକ ଭଗବାନ୍ ଧନ୍ୱନ୍ତରୀଙ୍କର୍ ଜୟନ୍ତୀ ଅବ୍‌ସରେ ଆଏଜ୍ ସାରାଦେଶେ ଜାତୀୟ ଆୟୁର୍ବେଦ୍ ଦିବସ୍ ଭିଲ୍ ପାଲନ୍ କରାଯାଉଛେ । ମୁନୁସ୍ ଆର୍ ଜୀବଜଗତ୍ ସହେତେ ପରିବେଶ୍‌ର ସନ୍ତୁଳନ୍ ରକ୍ଷା କର୍‌ବାର୍ ଦିଗେ ଆୟୁର୍ବେଦ୍‌କେ ମୁଖ୍ୟସ୍ରୋତଥି ଆଗ୍‌କେ ବଢ଼ାବାର୍ ଲାଗି ଆଝିର୍ ଦିନ୍‌କେ ଜାତୀୟ ଆୟୁର୍ବେଦ୍ ଦିବସ୍ ଭାବେ ସାରାଦେଶେ ପାଲିତ୍ ହେଉଛେ ।

ଦିଆଲୀ ଆର୍‌ଏନ୍‌ୟୁ /ସମ୍ବଲପୁର

ରାଏଜେ ଦିଆଲୀ ପାଲନ୍ ବାବ୍‌ଦେ ପୁଲିସ୍ ପ୍ରଶାସନ୍ ତର୍‌ଫୁ ସ୍ୱତନ୍ତ୍ର ନିର୍ଦ୍ଦେଶାବଲୀ ଜାରି କରାଯାଇଛେ । ନିର୍ଦ୍ଦେଶାବଲୀଥି ପ୍ରଦୂଷଣ୍ ନାଇଁ ହେଉଥିବା ଫଟ୍‌କା ବେଭାର୍ କର୍‌ବାର୍‌କେ ପରାମର୍ଶ ଦିଆଯାଇଛେ । ରାତି ୧୦ ବଜେ ଭିତ୍‌ରେ ଫଟ୍‌କା ଫଟାବାର୍‌କେ ପୁଲିସ୍ ମହାନିର୍ଦ୍ଦେଶକ୍ ୱାଇ.ବି. ଖୁରାନିଆ ଲୁକ୍‌କୁ ଅନୁରୋଧ୍ କରିଛନ୍ । ଚୁରା ଫଟ୍‌କା କାର୍‌ବାର୍ ସମ୍ଭାବନା ଥିବାର୍‌ନୁ ଯେନ୍ତା କେନ୍‌ସି ଅଘଟନ୍

ନାଇଁ ଘଟେ ସେଥିର୍‌ଲାଗି ଏସ୍‌.ପି. ମାନ୍‌କୁ ସତର୍କ ରହେବାର୍‌କେ ସେ କହିଛନ୍‌ । ସେ କହିଛନ୍‌ ଯେ, ଧାରିଜ୍‌ ଜାଗା ଛଡ଼ା ଅଲ୍‌ଗା ଜାଗାମାନ୍‌କେ ଫଟ୍‌କା ବିକ୍ରି କରୁଥିଲେ କାର୍ଯ୍ୟାନୁଷ୍ଠାନ୍‌ ନେବାର୍‌କେ ନିର୍ଦ୍ଦେଶ୍‌ ଦିଆଯାଇଛେ । ଇତାର୍‌ଛଡ଼ା ଅଗ୍ନିଶମ ବିଭାଗ୍‌କେ ଭିଲ୍‌ ସତର୍କ ରହେବାର୍‌କେ କୁହାଯାଇଛେ ।

ବାଚସ୍ପତି- ବିଦେଶ ଗସ୍ତ ଆର୍‌ଏନ୍‌ୟୁ / ସମ୍ବଲପୁର

ବାଚସ୍ପତି ସୁରମା ପାଢ଼ୀ ଆଏଜ୍‌ ୧୪ ଦିନିଆ ବିଦେଶ୍‌ ଗସ୍ତଥି ଯାଉଛନ୍‌ । ଇଥିର୍‌ଲାଗି ଗଲାକାଏଲ୍‌ ସେ ନୂଆଦିଲ୍ଲୀ ଯାଇଛନ୍‌ । ଆଏଜ୍‌ ଶ୍ରୀମତୀ ପାଢ଼ୀ ଜାପାନ୍‌ର ଟୋକିଓ ନ ପୁହୁଁଚିବେ । ନଭେମ୍ବର୍‌ ୧ ତାରିଖ୍‌ ଦିନ ସେ ଦକ୍ଷିଣ କୋରିଆର ସିଓଲ୍‌ ଆର୍‌ ୫ ତାରିଖ୍‌ ଦିନ ଅଷ୍ଟ୍ରେଲିଆର୍‌ ସିଡ୍‌ନୀ ନ ପୁହୁଁଚିବେ । ୬ ତାରିଖ୍‌ ଦିନ ସିଡ୍‌ନୀ ନ ହେବାର୍‌କେ ଥିବା ରାଜ୍ୟଗୋଷ୍ଠୀ ସଂସଦୀୟ ସଂଘର୍‌ ୬୭ ନମ୍ବର୍‌ ସମ୍ମିଳନୀଥି ବାଚସ୍ପତି ଶ୍ରୀମତୀ ପାଢ଼ୀ ଯୋଗ୍‌ଦେବେ ।

ଡେମ୍‌ ମରାମତି ଆର୍‌ଏନ୍‌ୟୁ / ସମ୍ବଲପୁର

ରାଜ୍ୟ ସର୍କାର୍ ପୁର୍ନା ଆଉ ଭାଙ୍ଗିରୁଜି ଯାଇଥିବା ଡେମ୍ ମାନ୍କର୍ ମରାମତି ଆଉ ଉନ୍ନତି ଲାଗି 'ବନ୍ଧ ସୁରକ୍ଷା ଆଉ ଉନ୍ନତିକରଣ୍ କାର୍ଯ୍ୟ' ଯୋଜ୍ନା କର୍ବାର୍କେ ଯାଉଛନ୍ । ଇ ନୂଆଁ ଯୋଜ୍ନା ୨୦୨୪ -୨୫ ନୁ ୨୮-୨୯ ତକ୍ କାର୍ଯ୍ୟକାରୀ କରାଯିବା । ଇଥିର୍ଲାଗି ଜଲ୍ସମ୍ପଦ୍ ବିଭାଗ୍ ତର୍ଫୁ ପାଖାପାଖି ୨ ଶହ କୋଟି ଟଙ୍କା ବ୍ୟୟବରାଦ୍ କରାଯାଇଛେ । ଇ ଯୋଜ୍ନାଥି ୧୧ ଟା ବଡ଼୍ ଆର୍ ମଧମ୍ ଧରଣ୍ର ପ୍ରକଳ୍ପ, ୮୧ ଟା କ୍ଷୁଦ୍ର ଜଲ୍ସେଚନ୍ ପ୍ରକଳ୍ପର୍ ମରାମତି ଆଉ ଉନ୍ନତିକରଣ୍ କରାଯିବା ।